# କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ଧର୍ମଘଟ





ବ୍ରହ୍ମଗିରି,୧୨।୨(ସମିସ): ଗୁରୁବାର ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନଙ୍କ ଡକରାରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ କରାଯାଇଥିଲା। ଏଥିରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍‌ରେ ଥିବା ସମସ୍ତେ ଟ୍ରେଡ୍ ୟୁନିୟନ ଓ ଶ୍ରମିକ ସଂଗଠନ ଭାଗ ନେଇଥିଲେ। ବ୍ଲକ୍ ଛକରେ ସେମାନେ କିଛି ସମୟ ଧରି ରାଜରାସ୍ତାକୁ ଅବରୋଧ କରିଥିଲେ। ସେଠାରୁ ଏକ ବିଶାଳ ରାଲିରେ ବାହାରି ବ୍ରହ୍ମଗିରି ବଜାର ଦେଇ ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନ ଦେଇ ବିହନ ବିଲ୍ ଆଣି ଚାଷୀଙ୍କୁ ସଙ୍କଟ ଭିତରକୁ ଠେଲି ଦେଇଛନ୍ତି ଓ କର୍ପୋରେଟ ହାତରେ ବିହନ ବେପାର। ଲୋକଙ୍କ ହାତରେ କାମ ନାହିଁ, ସେପଟେ ଦର ବଢ଼ି ଚାଲିଛି। ୪ ଶ୍ରମ କୋଡ୍ ବିହନ ବିଲ୍ ଓ ବିଦ୍ୟୁତ୍ ବିଲ୍-୨୦୨୫ ପ୍ରତ୍ୟାହାର, ଫସଲର ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ଟ୍ରମ୍ପ୍ ଟାରିଫ୍ ୫୦ ଉଚ୍ଛେଦ ଲାଗି ଲୋକେ ଆନ୍ଦୋଳନରେ ସାମିଲ୍ ସମେତ ବିହନ ଚାଷୀ ପ୍ରତିଶତ ଉଚ୍ଛେଦ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବନ୍ଦ ବ୍ରହ୍ମଗିରିରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଗାଡ଼ି ମୋଟର, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବ୍ଲକ୍, ତହସିଲ୍, କୋର୍ଟ ଆଦି ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଶ୍ରମିକ ସଂଗଠନ ଓ କୃଷକ ସଂଗଠନର ନେତା ଭୀମସେନ ସ୍ୱାଇଁ, ବନମାଳୀ ସାହୁ, କଂଗ୍ରେସ ନେତା ଉମାକାନ୍ତ ବରାଳ, ଶତ୍ରୁଘନ ମହାରାଜ, ମହେଶ୍ୱର ମହାରଣା, ପ୍ରଶାନ୍ତ ବେହେରା, ଅଙ୍ଗନବାଡ଼ି କର୍ମୀ ଜିଲ୍ଲା ନେତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, କୃଷକନେତା ବିଦ୍ୟାଧର ଦଳାଇ, ଷ୍ଟାଲିନ ପାଇକରାୟ, ସୁରେନ୍ଦ୍ର ଦଳାଇ, ସୁଦର୍ଶନ ପଲାଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ନିମାପଡ଼ା:** କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ସଫଳ ହୋଇଥିଲା। ନିମାପଡ଼ା ଦୋଳବେଦୀ ଛକଠାରେ ଏହି ବନ୍ଦକୁ ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ନିମାପଡ଼ାଠାରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବାବେଳେ ଜରୁରୀକାଳୀନ ସେବା ଠିକ୍‌ଠାକ୍ ଚାଲୁ ରହିଥିଲା। ଏହି ବନ୍ଦ ଡକରାରେ କଂଗ୍ରେସର କାଳନ୍ଦୀ ବାରିକ, ଗୋବିନ୍ଦ ମଳିକ, ମନୋଜ ସେଠୀ, ଧର୍ମାନନ୍ଦ ନାୟକ, ପାପୁନୀ ବସ୍ତିଆ, ନିରଞ୍ଜନ ସେଠୀ, ଅନୁଜା ପରିଡ଼ା, ଜୟନ୍ତ ବେହେରା, ପ୍ରକାଶ ସ୍ୱାଇଁ, ମଙ୍ଗି ଖାଁ, ସିପିଆଇ ପକ୍ଷରୁ ଦେବେନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ନବଘନ ମଳିକ, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**କଣାସ:** କଣାସ ବ୍ଲକ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟ ପାଳନ ହୋଇଯାଇଛି। ସମସ୍ତ ଦୋକାନ ବଜାର ଓ ବ୍ୟାଙ୍କ, ବ୍ଲକ୍ କାର୍ଯ୍ୟାଳୟ, ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଜଙ୍କିଆଠାରେ ଜଗନ୍ନାଥ ସଡ଼କ ଉପରେ କେତେକ କମ୍ୟୁନିଷ୍ଟ କର୍ମୀ ରାସ୍ତା ଅବରୋଧ କରି ବସି ରହିଥିଲେ। ଚାରିଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

**ଚାରିଛକ:** ଚାରିଛକଠାରେ ଏହି ବନ୍ଦ ଡକରାକୁ ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ଚାରିଛକଠାରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବାବେଳେ ଜରୁରୀକାଳୀନ ସେବା ଠିକ୍‌ଠାକ୍ ଚାଲୁ ରହିଥିଲା। ଏହି ବନ୍ଦ ଡକରାରେ କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଦୀପ୍ତ ମହାନ୍ତି, ନୃସିଂହ ମହାନ୍ତି, ଶିବ ବିଶ୍ୱାଳ, କାଳନ୍ଦୀ ବେହେରା, ବନ ବିହାରୀ ଦାଶ, ରଘୁନାଥ ବେହେରା, ଶଙ୍କର ପରିଡ଼ା, ଗୋବର୍ଦ୍ଧନ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**ଡେଲାଙ୍ଗ:** ଡେଲାଙ୍ଗ ହାଟବଜାର ସନ୍ନିକଟ ରାମଚନ୍ଦ୍ରପୁରଠାରେ ସିପିଆଇଏମ୍‌ଏଲ୍‌ର ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଧର୍ମଘଟ କରାଯାଇଥିଲା। ଏଥିରେ ଏଆଇସିସିଟିୟୁର ଜିଲ୍ଲା ସମ୍ପାଦକ ସତ୍ୟମନ୍ୟୁ ପ୍ରଧାନ, ଏଆଇକେଏମ୍ ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ମହାରଣାଙ୍କ ସହିତ ବାମପନ୍ଥୀ ଦଳୀୟ କର୍ମକର୍ତ୍ତା ଉମାକାନ୍ତ ବରାଳ, ହୁସେନ୍ ଭାଇ, ଗୋଲାପ ବେହେରା, ତ୍ରିଲୋଚନ ବେହେରାଙ୍କ ସମେତ ଶତାଧିକ ସମର୍ଥକ ସାମିଲ୍ ହୋଇଥିଲେ। ଏହା ସହିତ ରାମଚନ୍ଦ୍ରପୁର, ଡେଲାଙ୍ଗ ହାଟ ବଜାର, ଷ୍ଟେଟ୍ ବ୍ୟାଙ୍କ, ମଣପୁରମ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଓ ଡେଲାଙ୍ଗ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ ପ୍ରଦର୍ଶନ କରାଯାଇଥିଲା। ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ଭାଗଚାଷୀଙ୍କୁ ପଞ୍ଜୀକରଣ କରି ଧାନ କିଣିବା, ଗାଁ ଗହଳିରେ ମଦ ବେପାର ଉପରେ ରୋକ୍ ଲଗାଇବା, ଶ୍ରମିକ ଛଟେଇ ବନ୍ଦ କରିବା, ଦରଦାମ୍ ବୃଦ୍ଧି ଆଦିକୁ ବିରୋଧ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

**ସାକ୍ଷୀଗୋପାଳ:** ସାକ୍ଷୀଗୋପାଳରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ହୋଇଥିଲା। ସତ୍ୟବାଦୀର ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୂର ସଂଗଠନର ନେତା ସୁବାସ ବରାଳଙ୍କ ତତ୍ତ୍ୱାବଧାନରେ ସଂଗଠନର ସଭାପତି ଶ୍ୟାମ ସୁନ୍ଦର ମହାପାତ୍ର, ସମ୍ପାଦକ ହାଡ଼ିବନ୍ଧୁ ବେହେରା, ସୁବାସ ବେହେରାଙ୍କ ସମେତ କର୍ମୀମାନେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ବ୍ଲକ୍ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀ ଓ ସହାୟକମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ସଭାପତି ବିଷ୍ଣୁପ୍ରିୟା ଦାଶ ଓ ସମ୍ପାଦକ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସମେତ ଶତାଧିକ ସଦସ୍ୟା ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦିବାକର ମୁଦୁଲି ଓ ସଞ୍ଜୀବ ମିଶ୍ରଙ୍କ ନେତୃତ୍ୱରେ ୨୫ରୁ ଉର୍ଦ୍ଧ୍ୱ ସଦସ୍ୟ ସତ୍ୟବାଦୀ ବ୍ଲକ୍ ଛକରୁ ଏକ ପଦଯାତ୍ରାରେ ଉଦ୍ୟାନ କୃଷି କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ସତ୍ୟବାଦୀ ପୁଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା।




**ଗୋପ/ନୟାହାଟ:** ଗୋପରେ ସଫଳ ହୋଇଛି ୧୨ ଘଣ୍ଟିଆ ଭାରତ ବନ୍ଦ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ପାଚିକା ସମେତ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଦରମା ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା, ମନରେଗା ଯୋଜନାକୁ ପୁନଃ କାର୍ଯ୍ୟକାରୀ କରିବା, ବେଆଇନ ବିଦ୍ୟୁତ୍ ଆଇନ ପ୍ରତ୍ୟାହାର କରିବା ସହିତ ସ୍ମାର୍ଟ ମିଟର ଲଗାଇବା ଉପରେ ରୋକ୍ ଓ ଧାନମଣ୍ଡିରେ ଚାଷୀମାନଙ୍କ ଉତ୍ପାଦିତ ଧାନ କ୍ରୟ କରି ନିର୍ଦ୍ଧାରିତ ମୂଲ୍ୟ ପ୍ରଦାନ ସମେତ ୧୨ ଦଫା ଦାବି ନେଇ ଏହି ଭାରତ ବନ୍ଦ ଡକରା ଅନୁଷ୍ଠିତ ହୋଇଯାଇଛି। ଗୋପଠାରେ ସିପିଆଇ ନେତା ମନୋରଞ୍ଜନ ପରିଡ଼ା ଓ କଂଗ୍ରେସ ନେତା ଭାସ୍କର ସେଠ୍‌ଙ୍କ ନେତୃତ୍ୱରେ ସିପିଆଇ ଓ କଂଗ୍ରେସ କର୍ମୀମାନେ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ କରିଥିଲେ। ଏହି ବନ୍ଦ ଯୋଗୁଁ ପର୍ଯ୍ୟଟକ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶାନ୍ତି ଶୃଙ୍ଖଳାର ସହିତ ବନ୍ଦ ପାଳନ ହୋଇଥିଲା ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରକାଶ କରିଛନ୍ତି।

**ଗମ୍ଭାରୀପଦା:** ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ଆହ୍ୱାନ କ୍ରମେ ଓଡ଼ିଶା ରାଜ୍ୟ କମିଟି ନିର୍ଦ୍ଦେଶ ମୁତାବକ ଭାରତୀୟ କୃଷକ ସଭାର ଉପସଭାପତି ଆଶିଷ କାନୁନ୍‌ଗୋଙ୍କ ନେତୃତ୍ୱରେ ରାଜ୍ୟ ପରିଷଦର ସଭ୍ୟ ବିପିନ ବିହାରୀ ରାଉତ, ଶ୍ରମିକ ନେତା ଗୋଲେଇ ଚନ୍ଦ୍ର ନାୟକ, ଜୋନ୍ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ଯୁବକ ସଂଘ ନେତା ବିକାଶ ମୁଦୁଲି, ଅଟୋ ଚାଳକ ସଂଘ ସଭାପତି ରାମଚନ୍ଦ୍ର ରଣାଙ୍କ ସମେତ କାକଟପୁର ବ୍ଲକ୍ ଆଶା, ଅଙ୍ଗନବାଡ଼ି, ପାଚିକା ସହାୟିକା, କୃଷକ ସଂଗଠନର ଶତାଧିକ ଜନସାଧାରଣ କେନ୍ଦ୍ର ସରକାର ବିରୋଧୀ ଶୋଭାଯାତ୍ରା କରିଥିଲେ। କାକଟପୁର କଲେଜ ଛକରୁ ବାହାରି ବଜାର ପରିକ୍ରମା କରି ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଦପ୍ତରଗୁଡ଼ିକଠାରେ ଭାରତ ବନ୍ଦ ପାଇଁ ସମର୍ଥନ ଯୋଗାଡ଼ କରି ଶେଷରେ ବ୍ଲକ୍ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା କରିଥିଲେ।

## ପ୍ରାଚୀ ପରିକ୍ରମା; ଚାରିଛକରେ ସ୍ୱାଗତ ସମ୍ବର୍ଦ୍ଧନା



ଚାରିଛକ,୧୨।୨(ସମିସ): ବିଶ୍ୱ କ୍ରିୟାଯୋଗର ମୁଖ୍ୟ ପରିଚାଳକ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ସହ ପ୍ରାଚୀ ପରିକ୍ରମାରେ ଦେଶ ବିଦେଶର ଶତାଧିକ ସାଧୁସନ୍ଥ, ସନ୍ୟାସୀ, ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ ସହ ପ୍ରାଚୀ ସାଗର ସଂଗମ ତୀର୍ଥରୁ ବାହାରି ଗୁରୁବାର ସକାଳୁ ଚାରିଛକଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ୧୫ତମ ବାର୍ଷିକ ପ୍ରାଚୀ ପରିକ୍ରମା ପଦଯାତ୍ରାରେ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ସହିତ ସ୍ୱାମୀ ସୁଧାନନ୍ଦ ଗିରି, ମହନ୍ତ ଚିନ୍ତାମଣୀ ପର୍ବତ ମହାରାଜ, ବାବା ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବା ରାମ ଦାସ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବା ରାଜକିଶୋର ଦାସ, ବାବା ଯୋଗେଶ୍ୱର ଦାସ, କର୍ମକାଣ୍ଡ ବିଶାରଦ ପଣ୍ଡିତ ଚିରଞ୍ଜନ ମିଶ୍ରଙ୍କ ସହ ଦେଶ ବିଦେଶର ବହୁ ସାଧୁସନ୍ଥ, ସନ୍ୟାସୀ, ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ ସହ ପ୍ରାଚୀ ପରିକ୍ରମା କରୁଛନ୍ତି। ଗୁରୁବାର ଷଷ୍ଠ ଦିବସରେ ପ୍ରତ୍ୟୁଷରୁ ରାତ୍ରୀଯାପନ କରିଥିବା ପ୍ରାଚୀ ଧର୍ମକ୍ଷେତ୍ର (କୁଆମଠ)ରୁ ବାହାରି ପ୍ରାଚୀ ପରିକ୍ରମାକାରୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରିଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ଚାରିଛକ ଗଡ଼ଅମର ପ୍ରସାଦର କ୍ଷୀରଗଙ୍ଗାଠାରେ ଜଳପାନ, ଚାରିଛକ ବଜାରରେ ଚାରିଛକ ପ୍ରେସକ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ଡ. କେଦାର ନାଥ ସାହୁ, ବସନ୍ତ କୁମାର ଦାସ, ଅରକ୍ଷୀତ ଭୋଇ, ନିଆଳୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଚିତ୍ତରଞ୍ଜନ ମଲ୍ଲିକ, ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, କାହ୍ନୁ ଚରଣ ବେହେରା, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ, ଏକାନ୍ତ ଆଶ୍ରମ ବାବା ନରେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପରେ ପରିକ୍ରମା ଦଳ ନିକଟସ୍ଥ ଶଙ୍ଖପଡ଼ାସ୍ଥିତ ବାଟମହାବୀରରେ ବିଶ୍ରାମ ନେଇଥିଲେ। ଶୁକ୍ରବାର କପଳେଶ୍ୱର ଶମ୍ଭୁଠାରେ ପହଞ୍ଚି ପୂର୍ଣ୍ଣାହୁତି ପରେ ପଦଯାତ୍ରା ସମାପନ ହେବ ବୋଲି ସୂଚନା ମିଳିଛି।

## ୩ଟି ଘରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

କଣାସ,୧୨।୨(ସମିସ): କଣାସ ଥାନା ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତ କାତପଡ଼ା ଗ୍ରାମରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ୩ଟି ପରିବାରର କବାଟ ଓ ତାଲା ଭାଙ୍ଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଜିନିଷ ଚୋରି କରି ନେଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି। ଜଗବନ୍ଧୁ ମହାପାତ୍ରଙ୍କ ପକା ଉପରକୁ ଚୋରମାନେ ଚଢ଼ି ଘର ଭିତରେ ପଶି ତାଲା ଭାଙ୍ଗି ଆଲମିରାରେ ଥିବା ସୁନା ହାର ଦୁଇଟି, ଚେନ୍ ଦୁଇଟି, ୪ଟା ସୁନା ମୁଦି, ଦୁଇ ହଳ କାନ ପୁଲ, ଦୁଇ ହଳ ନାକ ଫୁଲ, ୬ ହଳ ରୁପା ପାଉଜି, ୬ଟି ଲକେଟ୍, ୪ଟି ରୁପା ଝୁଣ୍ଟିଆ ଓ ନଗଦ ୧୨୦୦ ହଜାର ଟଙ୍କା ନେଇଯାଇଥିବା ଜଗବନ୍ଧୁ କଣାସ ଥାନାରେ ଅଭିଯୋଗ କରିଛନ୍ତି। ଯାହାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସେହି ଗ୍ରାମର କଣାସ ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିବା ମଞ୍ଜୁଲତା ସାହୁଙ୍କ ବାରିପଟ କବାଟ ଭାଙ୍ଗି ଘର ଭିତରେ ପଶି ଗୋଟିଏ ବାକ୍ସ ନେଇଯାଇ ଘରର କିଛି ଦୂରରେ ବାକ୍ସରେ ଥିବା ଟଙ୍କାତକ ନେଇ ଲୁଗାପଟାକୁ ଫୋପାଡ଼ି ଦେଇଛନ୍ତି। ସେହିପରି ଅର୍ଜୁନ ସାହୁଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଖବର ପାଇ କଣାସ ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ ମଧ୍ୟ ଚୋରଙ୍କ ସନ୍ଧାନ ପାଇ ନ ଥିବା ଜଣାପଡ଼ିଛି।

## ମନ୍ଦିରରୁ ସିରିଜ୍ ଲୁଟ୍

ଗୋପ,୧୨।୨(ସମିସ): ଗୋପ ଥାନା ଅନ୍ତର୍ଗତ ଷୋଳପୁରସ୍ଥିତ ଅଡ଼ଙ୍ଗେଇ ଠାକୁରାଣୀ ମନ୍ଦିରରୁ ଚୋରି ଘଟଣାର ଗୋଟିଏ ଦିନ ପରେ ପୁଣି ବିଭିନ୍ନ ମନ୍ଦିରରୁ ସିରିଜ୍ ଲୁଟ୍ ହୋଇଛି। ନାଗପୁର ମାଳିସାହି ନାରାୟଣୀ ମନ୍ଦିର ତାଲା ଭାଙ୍ଗି ମା'ଙ୍କ ରୁପା ମୁକୁଟ, ନାସା, ଆଖି ଓ ହୁଣ୍ଡି ବାକ୍ସ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଲୁଟ୍ କରିବା ସହ ନିକଟସ୍ଥ ନେତପୁର ଗେଲବାଇ ମନ୍ଦିର, ନାଗପୁର ମହାବୀର ମନ୍ଦିରରୁ ହୁଣ୍ଡି ସହିତ ଅଳଙ୍କାର ଲୁଟ୍, ମାଳିସାହି ବିମଳା ମନ୍ଦିର ଓ ପଦ୍ମପଡ଼ା ହରିସହଦେବ ମନ୍ଦିର ତାଲା ଭାଙ୍ଗି ରୁପା ଅଳଙ୍କାର ସହ ହୁଣ୍ଡି ଟଙ୍କା ଲୁଟି ନେଇଛନ୍ତି। ଏଭଳି ସିରିଜ୍ ଲୁଟ୍ ଘଟଣା ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି।

## ଜଳିଗଲା ୬ ବଖରା

କଣାସ,୧୨।୨(ସମିସ): ଗୁରୁବାର ରାତି ୯ଟାରେ କଣାସ ବ୍ଲକ୍ ଗଡ଼ସାନପୁଟ ଗ୍ରାମ ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ବାଉରୀବନ୍ଧୁ ସୁନ୍ଦରାୟ, ସତ୍ୟପ୍ରିୟ ସୁନ୍ଦରାୟ, ରବୀନ୍ଦ୍ର ସୁନ୍ଦରାୟଙ୍କ ୬ ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କଣାସ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଏବେ ବି ରାସ୍ତାରେ ଜମା ହେଉଛି ବାଲି, ଗୋଡ଼ି

ଅସ୍ତରଙ୍ଗ,୧୨।୨(ସମିସ): ରାସ୍ତାକଡ଼ରେ ବାଲି ଜମା ହୋଇ ରହିଥିବାରୁ ନିକଟ ଅତୀତରେ ଜଣେ ସାମ୍ବାଦିକା ଓ ତାଙ୍କ ବନ୍ଧୁ ସ୍କୁଟିରୁ ପଡ଼ି ଦୁଇ ଜଣଙ୍କର ଜୀବନ ଅକାରଣରେ ଚାଲିଯାଇଥିଲା। ଏହି ଘଟଣା ସମ୍ପୂର୍ଣ୍ଣ ଓଡ଼ିଶାବାସୀଙ୍କୁ ସ୍ତମ୍ଭୀଭୂତ କରିଥିଲା। ମାତ୍ର ଏବେ ସମାନ ଦୃଶ୍ୟ ସାମ୍ନାକୁ ଆସିଥିଲେ ବି ପ୍ରଶାସନର ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଅସ୍ତରଙ୍ଗ ବ୍ଲକ୍ ଜିଉଁନ୍ତି ଛକ ଆଗରୁ ଦହିଖିଆ ରାସ୍ତାରେ ବାଲି, ଗୋଡ଼ି ରାସ୍ତାକୁ ମାଡ଼ି ଜମା ହୋଇଛି। ଏହି ରାସ୍ତା ସାଧାରଣତଃ ଏକ ଦୁର୍ଘଟଣାପ୍ରବଣ। ଯାହାର ଅତୀତ ସାକ୍ଷୀ ରହିଥିବାବେଳେ ଏହି ବାଲି ଜମାକୁ ଦେଖି ଗାଡ଼ି ଚାଳକ ଆତଙ୍କିତ ହେବା ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଅସ୍ତରଙ୍ଗ ପ୍ରଶାସନ ଅଧିକାରୀମାନେ ପ୍ରତ୍ୟେକ ଦିନ ଯାତାୟାତ କରୁଥିବାବେଳେ ବର୍ତ୍ତମାନ ସୁଦ୍ଧା କାହାର ନଜର କିପରି ଏହା ଉପରେ ପଡୁନି ତାହା ଏବେ ସନ୍ଦେହଘେରରେ। ସେଥିପାଇଁ ସମ୍ପୂର୍ଣ୍ଣ ଅଞ୍ଚଳରେ ଆଲୋଚନା ହେଉଛି ଯେ ପୁନର୍ବାର ଆଉ ଏକ ମର୍ମନ୍ତୁଦ ଦୁର୍ଘଟଣାର ସ୍ୱାଗତରେ ରହିଛନ୍ତି ଉଭୟ ବ୍ଲକ୍ ପ୍ରଶାସନ।



**ଏତେ ଅଘଟଣ ପରେ ବି ଚେତୁନି ପ୍ରଶାସନ**

## ସ୍ମରଣିକାରେ ସାକ୍ଷୀଗୋପାଳ ମନ୍ଦିର ଗର୍ଭଗୃହ

### ବିବାଦରେ ତହସିଲଦାର, ଥାନାରେ ଏତଲା

ପୁରୀ, ୧୨।୨ (ସମିସ): ସ୍ମରଣିକାରେ ପୁରୀ ସାକ୍ଷୀଗୋପାଳ ମନ୍ଦିର ଗର୍ଭଗୃହ ଫଟୋ। ଖାଲି ସେତିକି ନୁହେଁ; ମନ୍ଦିରର ତତ୍ତ୍ୱାବଧାରକ ତଥା ତହସିଲଦାର ଖୋଦ୍ ମଞ୍ଚରେ ଏହି ସ୍ମରଣିକା ଉନ୍ମୋଚନ କରିଛନ୍ତି। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଏପରି ଏକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ଏପରିକି, ଏହାକୁ ନେଇ ସାକ୍ଷୀଗୋପାଳ ଜୟପୁରର ଗୋବିନ୍ଦ ଚନ୍ଦ୍ର ମହାପାତ୍ର ନାମକ ଜଣେ ବ୍ୟକ୍ତି ସତ୍ୟବାଦୀ ଥାନାରେ ତାଙ୍କ ବିରୋଧରେ ଏତଲା ଦେଇଛନ୍ତି। ତହସିଲଦାରଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ମହୋତ୍ସବ ସମୟରେ ଉଠାଯାଇଥିବା ସମସ୍ତ ଫଟୋ ଓ ଭିଡିଓକୁ ଜବତ କରି ଉଚ୍ଚସ୍ତରୀୟ ଏବଂ ନିରପେକ୍ଷ ତଦନ୍ତ କରିବାକୁ ସେ ପୁଲିସକୁ ଅନୁରୋଧ କରିଛନ୍ତି।

ଶ୍ରୀ ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ ସାକ୍ଷୀଗୋପାଳ ମନ୍ଦିର ପରିସରକୁ କ୍ୟାମେରା, ମୋବାଇଲ ନେବା ଉପରେ କଡ଼ା କଟକଣା ରହିଛି। ଠାକୁରଙ୍କ ଗର୍ଭଗୃହ ଫଟୋ ଏବଂ ଭିଡିଓ ଯେପରି କେହି ନ ଉଠାଇବେ, ସେଥିପାଇଁ ଦେବୋତ୍ତର କମିଶନଙ୍କ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଏହି ନିର୍ଦ୍ଦେଶକୁ ଖୋଦ୍ ମନ୍ଦିର ତତ୍ତ୍ୱାବଧାରକ ତଥା ତହସିଲଦାର ଅବମାନନା କରିଛନ୍ତି। ଏକ ସ୍ମରଣିକାରେ ସତ୍ୟବାଦୀ ଗୋପୀନାଥଜୀଉଙ୍କ ଫଟୋ ଛପାଯାଇଛି। ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଉଛି, ମନ୍ଦିରର ତହସିଲଦାର ନିଜେ ମଞ୍ଚରେ ଏହି ସ୍ମରଣିକାକୁ ଉନ୍ମୋଚନ କରିଛନ୍ତି। ସତ୍ୟବାଦୀ ମହୋତ୍ସବ ମଞ୍ଚରେ ନେତାଙ୍କ ସହ ନିଜେ କିଭଳି ଉକ୍ତ ସ୍ମରଣିକା ଉନ୍ମୋଚନ କଲେ, ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ସେ କହିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ମାଧବାନନ୍ଦଜୀଉ ମନ୍ଦିର ହେଡ୍‌ଟାରୀ ଟ୍ରଷ୍ଟିଙ୍କ ଦେହାନ୍ତ

ଚାରିଛକ,୧୨।୨(ସମିସ): ଚାରିଛକ ନିକଟସ୍ଥ ମାଧବାନନ୍ଦଜୀଉ ମନ୍ଦିରର ହେଡ୍‌ଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବଗୋସ୍ୱାମୀ (୫୨)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଗତ ବୁଧବାର ଦିନ ମନ୍ଦିର କାର୍ଯ୍ୟାଳୟ ବୁଲାବୁଲି କରି ତୁଳସୀପୁରସ୍ଥିତ ବାସଭବନରେ



ପହଞ୍ଚିବା ପରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ମାଧବ ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର, ପୂଜକ ତ୍ରିଲୋଚନ ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ଚାରିଛକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁଚରଣ ବେହେରା, ତୁଳସୀପୁର ଗ୍ରାମ କମିଟି ସଭାପତି ବନ ବିହାରୀ ଦାଶ, ପ୍ରାଚୀ ସାହିତ୍ୟ ସଂସଦର ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କର, ଉପସଭାପତି ବସନ୍ତ ଦାଶ, ସମ୍ପାଦକ ଡ. କେଦାରନାଥ ସାହୁ, କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ସୁରେନ୍ଦ୍ର ବେହେରା, ରଜନୀକାନ୍ତ ତ୍ରିପାଠୀ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ପୂର୍ବତନ ସମିତିସଭ୍ୟ ହରିହର ସାହୁ, ଅରକ୍ଷୀତ ଭୋଇ, ପ୍ରକାଶ ଚନ୍ଦ୍ର ସାହୁ, ଦେବାଶିଷ ତ୍ରିପାଠୀ, ନିଆଳୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଶିକ୍ଷାବିତ୍ ପିତାମ୍ବର ରାଉତ, ତ୍ରିଲୋଚନ କର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଚନ୍ଦନ ମୁଖାଗ୍ନି ଦେଇଥିଲେ।

## ପୂର୍ବତନ ପ୍ରାଣିଧନ ଚିକିତ୍ସକଙ୍କ ପରଲୋକ



ନିମାପଡ଼ା,୧୨।୨(ସମିସ): ସ୍ଥାନୀୟ ଅଞ୍ଚଳର ଜଣାଶୁଣା ପ୍ରାଣିଧନ ଚିକିତ୍ସକ ତଥା ସମାଜସେବୀ ତରୁଣକାନ୍ତ ପଣ୍ଡା(୮୦)ଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ପଶୁ ଚିକିତ୍ସା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ। ଚାକିରିରୁ ଅବସର ପରେ ସେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ନାମରେ ଏକ ସ୍ୱେଚ୍ଛାସେବୀ ସଂଗଠନ କରି ସମାଜସେବା କ୍ଷେତ୍ରକୁ ଓହ୍ଲାଇଥିଲେ। ରକ୍ତଦାନ, କମ୍ବଳ ବଣ୍ଟନ, ବାତ୍ୟା ବନ୍ୟା ତଥା ବିପର୍ଯ୍ୟୟ ସମୟରେ ସେ ନିଜ ସଂଗଠନ ମାଧ୍ୟମରେ ଅସହାୟ ଲୋକଙ୍କୁ ସହାୟତା କରୁଥିଲେ। ତାଙ୍କ ପୈତୃକ ଘର ସ୍ଥାନୀୟ ବ୍ଲକ୍ ଅନ୍ଧୁଆର ପଞ୍ଚାୟତ ନହନ୍ତରା ଗ୍ରାମରେ ଏବଂ ସେ ନିମାପଡ଼ା ଏନ୍‌ଏସି ଅଧୀନ ମହାବୀର କଲୋନୀରେ ବାସ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଗୋଷ୍ଠୀ ବେତାର କେନ୍ଦ୍ରର ୧୬ତମ ପ୍ରତିଷ୍ଠା ଦିବସ

## ଜନତାଙ୍କ ସ୍ୱର ପାଲଟିଛି 'ରେଡିଓ ନମସ୍କାର'




କୋଣାର୍କ,୧୨।୨(ସମିସ): ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର' ତା'ର ୧୬ତମ ପୂର୍ତ୍ତି ଗୁରୁବାର ପାଳିତ ହୋଇଛି। ୨୦୧୦ ଫେବୃଆରୀ ୧୨ରେ ରେଡିଓ ନମସ୍କାର କୋଣାର୍କରୁ ତା'ର ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲା। ଏହି ସମୟାବଧି ମଧ୍ୟରେ ରେଡିଓ ନମସ୍କାର ସାଧାରଣ ଲୋକଙ୍କ ସ୍ୱର ପାଲଟିଥିବା ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଗ୍ରାମବାସୀ ଓ ଶ୍ରୋତାମାନେ ମତବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ପ୍ରତିଟି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ସାଧାରଣ ଲୋକେ ନିଜର ମୌଳିକ ତଥା ନ୍ୟାୟିକ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସ୍ୱର ଉତ୍ତୋଳନ କରି ଶିଖିବା, ନାରୀ ସଶକ୍ତୀକରଣ, ଶିଶୁ ଅଧିକାର, ନାଗରିକଙ୍କ ମତଦାନ ଅଧିକାର, ଯୁବ ସଶକ୍ତୀକରଣ, ଘରୋଇ ହିଂସା, ବରିଷ୍ଠ ନାଗରିକମାନେ ସସମ୍ମାନେ ବଞ୍ଚିବା, ସେମାନଙ୍କ ଅଧିକାର ପାଇଁ ଲଢ଼ିବା, ବାଲ୍ୟ ବିବାହ, କନ୍ୟା ରତ୍ନ କର ଯତ୍ନ, ଭ୍ରୂଣ ହତ୍ୟା, ଶିଶୁ ଶ୍ରମିକ ପ୍ରଥା, ସୂଚନା ଅଧିକାର ଆଇନ, ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସଚେତନତା ବାର୍ତ୍ତା, କୋଭିଡ୍ ମହାମାରୀ ସମୟରେ ସଚେତନତା, ବାତ୍ୟା ଓ ବନ୍ୟା ସମୟରେ ୨୪ ଘଣ୍ଟିଆ ସୂଚନା ପ୍ରସାରଣ କରିବା ଏବଂ ଲୋକକଳା, ଲୋକ ସଂସ୍କୃତି, ଲୋକଗୀତ ଓ ଅନ୍ୟାନ୍ୟ ସଚେତନତାଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରି ସୁନାମ ଅର୍ଜନ କରିପାରିଛି। ପ୍ରଭାବୀ ଓ ଲୋକାଭିମୁଖୀ ପଦକ୍ଷେପ ନିମନ୍ତେ ରେଡିଓ ନମସ୍କାର ଭାରତ ସରକାରଙ୍କ ଦ୍ୱାରା ୬ ଥର ଜାତୀୟ ସମ୍ମାନପ୍ରାପ୍ତ ହୋଇଛି। ଏଥିସହ ରେଡିଓ ନମସ୍କାର ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଅନେକ ସମ୍ମାନ ପାଇଛି। ଦେଶ ବିଦେଶର ଅନେକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରେଡିଓ ନମସ୍କାରର କାର୍ଯ୍ୟଧାରା ଓ ପ୍ରଭାବ ଉପରେ ଗବେଷଣା ମଧ୍ୟ କରିସାରିଛନ୍ତି ବୋଲି ରେଡିଓ ନମସ୍କାରର ଅଧ୍ୟକ୍ଷ ତଥା ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ୍.ଏ.ଶାହା ଅନ୍‌ସାରୀ କହିଥିଲେ। ବିଶେଷତଃ ଜନ ସଚେତନତା କ୍ଷେତ୍ରରେ ବିଭିନ୍ନ ପଦେକ୍ଷପ ନେଇ ରେଡିଓ ନମସ୍କାର କେବଳ ଏକ ଗୋଷ୍ଠୀ ଗଣମାଧ୍ୟମ ନୁହେଁ ବରଂ ଏକ ଜନଆନ୍ଦୋଳନର ରୂପ ନେଇଛି। ଗତ ୧୬ ବର୍ଷ ମଧ୍ୟରେ ରେଡିଓ ନମସ୍କାର ଦ୍ୱାରା ସହସ୍ରାଧିକ ବ୍ୟକ୍ତି ଉପକୃତ ହୋଇଥିବାବେଳେ ଅନେକ କ୍ଷେତ୍ରରେ ପରିବର୍ତ୍ତନର ସ୍ୱର ଖୁବ୍ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଛି। ଗୁରୁବାର ରେଡିଓ ନମସ୍କାରର ୧୬ତମ ପ୍ରତିଷ୍ଠା ଦିବସ କୁରୁଜଙ୍ଗ ପଞ୍ଚାୟତର ନରଣପୁର ଓ ବାମେରା ଗ୍ରାମରେ ରେଡିଓ ଶ୍ରୋତାମଣ୍ଡଳୀ ମହିଳାଙ୍କ ସହିତ ମିଶି ପାଳନ କରାଯାଇଥିଲା। ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ରୋଜାଲିନ୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ଏସ୍. କାଜଲ ଓ ରାନୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ 'ବନ୍ଦ' ପାଳନ






ନୟାଗଡ଼,୧୨ ।୨(ସମିସ)

ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୁରୁବାର ବନ୍ଦ ପାଳନ କରାଯାଇଛି । ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ପକ୍ଷରୁ ଡାକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ନୟାଗଡ଼ରେ ସମ୍ପୂର୍ଣ୍ଣ ଭାବେ ପଡ଼ିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ସିଆଇଟିୟୁ ଏଆଇଟିୟୁସି, ବୀମା, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସ୍ୱାଧୀନ ସଂଗଠନ ଓ କଂଗ୍ରେସ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସରକାରଙ୍କ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀଙ୍କ ୧୪ ଦଫା ଦାବି, ମନରେଗା ଯୋଜନାର ପରିବର୍ତ୍ତନ, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୫, ବିହନ ବିଲ୍-୨୦୨୫, ଶାନ୍ତି ବିଲ୍-୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟକ୍ଷ, ବିଦେଶୀ ପୁଞ୍ଜି ଲଗାଣ, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ ଓ ଜିଏସ୍‌ଟି ଛାଡ଼, ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ମଜୁରି, ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ ଓ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଭୃତି ଦାବି ନେଇ ସର୍ବଭାରତୀୟ ଧର୍ମଘଟରେ ବହୁ ଲୋକ ସାମିଲ ହୋଇଥିଲେ । ନେତା ଓ ଶ୍ରମିକମାନେ ସ୍ଲୋଗାନ ଦେଇ ନୟାଗଡ଼ ଡାକବଙ୍ଗଳାଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ୫୭ ନମ୍ବର ଜାତୀୟ ରାଜପଥ, ଇନସ୍ୟୁରାନ୍ସ କାର୍ଯ୍ୟାଳୟ, ତହସିଲ, ବ୍ଲକ, କୃଷି କାର୍ଯ୍ୟାଳୟ, ପୂର୍ତ୍ତ, ଜଳସେଚନ, ଶ୍ରମ କାର୍ଯ୍ୟାଳୟ, ବିଦ୍ୟୁତ କାର୍ଯ୍ୟାଳୟ, ଦୋକାନ, ବଜାର, ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରିଥିଲେ । ନୟାଗଡ଼ ଗୋଲେଇ ଛକରେ ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଧର୍ମଘଟରେ ଶ୍ରମିକ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ, ପବିତ୍ର ଇନ୍ଦ୍ରଜିତ, ଅମୀୟ ପଟ୍ଟନାୟକ, କଂଗ୍ରେସ ନେତା ହୁସେନ ଖାଁ, ମନୋଜ ସାହୁ, ମିର ଅବୁବକର ସିଦିକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଫକୀର ମଲ୍ଲ, ମୁନା ଖାଁ, ଶ୍ରୀକାନ୍ତ ପଟ୍ଟନାୟକ, ଭୁବନ ହାତୀ, ପ୍ରତୀକ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସନ୍ଥ, ଅମିତ କୁମାର ସାହୁ, ବୁଦ୍ଧି ନାୟକ, ବାସୁଦେବ ମହାନ୍ତି, କୁଳମଣି ପୃଷ୍ଟି, ଆଶା ନେତ୍ରୀ ସରୋଜିନୀ ସାହୁ, ପ୍ରତିଭା ବେହେରା, ପାଚିକା ନେତ୍ରୀ ସାରସ ମାଝୀ, କୁନି ସାହୁ, ନାରୀ ନେତ୍ରୀ ଇତି ମାନସିଂହ ଯୋଗଦେଇ ସଫଳ କରାଇଥିଲେ । କେନ୍ଦ୍ରୀୟ ଶ୍ରମିକ ବନ୍ଦକୁ ନୟାଗଡ଼ ଜନସାଧାରଣ, ବ୍ୟବସାୟୀ, ଛାତ୍ର, ଯୁବକ, ମହିଳା ଓ ବିଭିନ୍ନ ଶ୍ରମିକ ସଂଗଠନ ସମର୍ଥନ କରିଥିଲେ ।

**ଗଣିଆ:** ଗଣିଆରେ ବନ୍ଦ ପାଳନ ସଫଳ ହୋଇଛି । ଗଣିଆ ବ୍ଲକ କଂଗ୍ରେସ ସଭାପତି ହଲିମ ଖାଁ, ତ୍ରିନାଥ ବେହେରା, ପ୍ରଦୀପ କୁମାର ମହାପାତ୍ର, ପାଚିକା ସଂଘ ସଭାପତି ମିନିଲତା ନାୟକ, ଆଶା ସଂଘ ଜିଲ୍ଲା ସମ୍ପାଦିକା ମଙ୍ଗୁଲୁ ରାଉତ, ଗଣିଆ ବ୍ଲକ ସମ୍ପାଦିକା କୋକିଳ ସାହୁ, ଜିଲ୍ଲାସ୍ତରୀୟ ନେତା କାଳନ୍ଦୀ ନାୟକଙ୍କ ସମେତ ୫୦ରୁ ଅଧିକ ଆଶା ଏବଂ ପାଚିକା ବସଷ୍ଟାଣ୍ଡଠାରୁ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବିଇଓ, ଆରଆଇ, ତହସିଲ, ବ୍ଲକ ଅଫିସ ସମେତ ବ୍ୟାଙ୍କ, ସ୍କୁଲ, କଲେଜ, କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଚାଲିଥିବା ଶିକ୍ଷକ ତାଲିମ ଶିବିରକୁ ବନ୍ଦ କରିଥିଲେ । ଆନ୍ଦୋଳନକାରୀମାନେ ଗଣିଆ-ଦଶପଲ୍ଲା ରାସ୍ତା ଅବରୋଧ କରି ବସି ରହିଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଆଇନକୁ ବିରୋଧ କରି ନାରାବାଜି କରିଥିଲେ । ଥାନା ଅଧିକାରୀ ଟଙ୍କଧର ଛତ୍ରିୟା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ ।

**ଓଡ଼ଗାଁ:** ଓଡ଼ଗାଁରେ ବନ୍ଦର ପ୍ରଭାବ ରହିଥିଲା । ପରିବହନ ସହ ବ୍ୟାଙ୍କସେବା, ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ ପ୍ରଭାବିତ ହୋଇଥିଲା । ତେବେ ଜରୁରୀ ସେବା ସହ ଦୋକାନ ବଜାର ଖୋଲା ରହିଥିଲା । ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବାମପନ୍ଥୀ ଦଳର ଗୋଲଖ ବିହାରୀ ମୁଦୁଲି, ଜ୍ୟୋତିପ୍ରଭା ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୁପ୍ରସାଦ ମିଶ୍ର, ଜିଲ୍ଲା କିଷାନ କଂଗ୍ରେସ ସଭାପତି ବସନ୍ତ କୁମାର କର, ଓଡ଼ଗାଁ ବ୍ଲକର ନିରଞ୍ଜନ ସାହୁ, ଭାଗୀରଥି ସ୍ୱାଇଁ, ଧୀରେନ ପାତ୍ର, ନିରଞ୍ଜନ ରାଉତ, ଶୁଭଶ୍ରୀ ପଟ୍ଟନାୟକ ପ୍ରମୁଖଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ମହିଳା ୨୧ ନମ୍ବର ରାଜ୍ୟ ରାଜପଥର ଓଡ଼ଗାଁ ବ୍ଲକ ରୋଡ୍ ଛକରେ ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ । ଅପ୍ରୀତିକର ପରିସ୍ଥିତି ସମ୍ଭାଳିବା ପାଇଁ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଥାନା ଆଇଆଇସି ସତ୍ୟନାରାୟଣ ବାରିକ, ଏସ୍‌ଆଇ ଚକ୍ରଧର ସିଂ ପ୍ରମୁଖଙ୍କ ସହ ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ ।

**ରଣପୁର:** ରଣପୁରରେ ୧୨ ଭାରତ ବନ୍ଦ ଆନ୍ଦୋଳନକୁ ଦୃଢ଼ ସମର୍ଥନ ମିଳିଛି । ସିଆଇଟିୟୁ ଆଇଏନଟିୟୁସି, ଏଆଇଟିୟୁସି, ଓଡ଼ିଶା କୃଷକ ସଭା ଓ କ୍ଷେତ ମଜଦୁର ୟୁନିୟନ ନେତୃତ୍ୱରେ ଶତାଧିକ ଆଶା, ପାଚିକା, ଅଙ୍ଗନବାଡ଼ି କର୍ମୀ, ନିର୍ମାଣ ଶ୍ରମିକ, ଚାଷିମୂଲିଆ ଓ ମହିଳା ରଣପୁର ପଞ୍ଚୁଦୋଳ ପଡ଼ିଆ ସହିଦ ମଣ୍ଡପରେ ସକାଳ ୮ଟାରେ ଏକତ୍ରିତ ହୋଇ ରାସ୍ତାରେ ବସି ରହିଥିଲେ । ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ହରତାଳ କରିବାରେ ବ୍ଲକ, ତହସିଲ, ବ୍ୟାଙ୍କ, ସବରେଜିଷ୍ଟ୍ରାର, ଆଦର୍ଶ ବିଦ୍ୟାଳୟ ଓ ସ୍କୁଲ କଲେଜ ଆଦି ବନ୍ଦ ହୋଇଥିଲା । ଗାଡ଼ିମଟର ଚଳାଚଳ ମଧ୍ୟ ବନ୍ଦ ଥିଲା । ଶ୍ରମିକ ନେତା ସୁରେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ମୋଦୀ ସରକାରଙ୍କ ପୁଞ୍ଜିପତି ପ୍ରୀତି ଓ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ଅଞ୍ଚଳରେ ବନ୍ଦ ପାଳନ ହୋଇଛି । ଶ୍ରମିକ ନେତା ଚାପଧାରୀ ରାଉତଙ୍କ ଡାକରାରେ ସିଆଇଟିୟୁ ପକ୍ଷରୁ ଅନୁଷ୍ଠିତ ବନ୍ଦ ପାଳନ କାର୍ଯ୍ୟକ୍ରମରେ ଶତାଧିକ ଆଶାକର୍ମୀ, ପାଚିକା ଓ ସହାୟିକା ସାମିଲ ହୋଇ ଖଣ୍ଡପଡ଼ା ସହରାଞ୍ଚଳ ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ସେଗୁଡ଼ିକୁ ବନ୍ଦ କରିଥିଲେ । ସେହିପରି ରାସ୍ତାରେ ଯାନବାହାନ ଚଳାଚଳ ଏକପ୍ରକାର ବନ୍ଦ ରହିଥିଲା । ଏଥିରେ ଜିଲ୍ଲା ଶ୍ରମିକ ନେତ୍ରୀ ସଞ୍ଜୁକ୍ତା ସେଠୀ, ଆଶା ସଂଗଠନ ଜିଲ୍ଲା ଉପସଭାନେତ୍ରୀ ବାସନ୍ତି ବେହେରା, ବ୍ଲକ ସଭାନେତ୍ରୀ ରୂପମଞ୍ଜରୀ ସାହୁ, ପାଚିକା ସମ୍ପାଦିକା ରୀନା ନାୟକ, ମାନସୀ ବାରିକ, ଶରତ ସାହୁ, ଜୟଦେବ ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

**ଦଶପଲ୍ଲା:** ଭାରତ ବନ୍ଦ ପ୍ରତି ଦଶପଲ୍ଲାରେ ପୂର୍ଣ୍ଣ ସମର୍ଥନ ଦେଖିବାକୁ ମିଳିଛି । ସିଟୁ ସହବନ୍ଧିତ ମଧ୍ୟାହ୍ନଭୋଜନ ପାଚିକା/ସହାୟିକା ସଂଘ, ଓଡ଼ିଶା ଆଶାକର୍ମୀ ଆସୋସିଏସନର ଶହ ଶହ କର୍ମୀ ଏଥିରେ ସାମିଲ ହୋଇଥିଲେ । ସିପିଆଇ ଆଞ୍ଚଳିକ କମିଟି ସଦସ୍ୟମାନେ ଏଥିରେ ନେତୃତ୍ୱ ନେଇଥିଲେ । ଶହ ଶହ କର୍ମୀ ସକାଳୁ ସ୍ଥାନୀୟ ବ୍ଲକ ସମ୍ମୁଖରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରି ନାରାବାଜି କରିଥିଲେ । ଶହ ଶହ ମହିଳା ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସହରର ସମସ୍ତ ସରକାରୀ ଦପ୍ତର, ବୀମା କାର୍ଯ୍ୟାଳୟ, କୋର୍ଟ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସହ ଦୋକାନ ବଜାର ସ୍ୱତଃ ବନ୍ଦ ରହିଥିଲା । ସିଆଇଟିୟୁ ଜିଲ୍ଲା ଆବାହକ ତଥା ସିପିଆଇଏମ ନେତା ଶରତ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପାଚିକା ସଂଘ ଜିଲ୍ଲା ସମ୍ପାଦିକା ଜୟନ୍ତୀ ଦାସ, ଦଶପଲ୍ଲା ବ୍ଲକ ସମ୍ପାଦିକା ପ୍ରତିମା ଭୁକ୍ତା, ଗଣିଆ ବ୍ଲକ ସମ୍ପାଦିକା ଲକ୍ଷ୍ମୀ ମାୟନ୍ତ, ନୂଆଗାଁର ସୁକାନ୍ତି ସ୍ୱାଇଁ, ଆଶା ଆସୋସିଏସନ ସଭାପତି ନଳିନୀ ରଥ, ସମ୍ପାଦିକା କାଞ୍ଚନ ବେହେରା, ସିପିଆଇଏମ ନେତା ବ୍ରଜବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ବିପିନ ବାଲୁ, ସୁଶାନ୍ତ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

**ଶରଣକୁଳ:** ଓଡ଼ଗାଁ ବ୍ଲକ ଶରଣକୁଳ ଅଞ୍ଚଳରେ ବନ୍ଦ ସଫଳ ହୋଇଛି । ଆନ୍ଦୋଳନକାରୀମାନେ ଶରଣକୁଳ ରାଜ୍ୟ ରାଜପଥ ଅବରୋଧ କରିଥିଲେ । ଫଳରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା । ଦୋକାନବଜାର, ସ୍କୁଲ କଲେଜ, ବ୍ୟାଙ୍କଗୁଡ଼ିକୁ ପିକେଟିଂ କରି ବନ୍ଦ କରିଥିଲେ । ଏଥିରେ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ଋଷି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜନ ମହାପାତ୍ର, କୃଷକ ନେତା ଗୋଲକ ମୁଦୁଲି, ରାଜ୍ୟ ଯୁବନେତା ସରୋଜ ନାୟକ, ମହିଳା ନେତ୍ରୀ ଜ୍ୟୋତି ଜେନା, ଯୁବନେତା ବିଭୁ ମହାପାତ୍ର, ଆଲୋକ ପ୍ରଧାନ ଓ ଭାଗୀରଥି ସ୍ୱାଇଁ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ ।

## ବାଇକ୍ ଉପରେ ଚଢ଼ିଗଲା କଣ୍ଟେନର, ଯୁବକ ମୃତ

**ରଣପୁର,୧୨ ।୨(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ରଣପୁର ବ୍ଲକ ଚମ୍ପାଗଡ଼ ନିକଟରେ ଏକ ବାଇକ୍ ଉପରେ କଣ୍ଟେନର ଚଢ଼ିଯିବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅରଖପଦା ଗ୍ରାମର ବଟକୃଷ୍ଣ ସାହୁ (୨୩) । ବଟକୃଷ୍ଣଙ୍କ ସହ ବାଇକ୍‌ରେ ଯାଉଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତେବେ ତାଙ୍କ ପରିଚୟ ମିଳିନାହିଁ । ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଯୁବକ ଚାନ୍ଦପୁରରୁ ମହୋତ୍ସବ ଦେଖି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକଟି କଣ୍ଟେନରରେ ଫସିଯାଇ ଦୁଇ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଏହି ସମୟରେ ଅସୁକେଇଖୋଲ ବ୍ରିଜ ଉପରେ କଣ୍ଟେନର ସହ ବାଇକରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଯାଇଥିଲା । ତେବେ କଣ୍ଟେନର ଚାଳକ ଫେରାର ହୋଇଯାଇଥିଲେ । ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କଣ୍ଟେନର ଓ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି । ଏହି ଦର୍ଘଟଣା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା । ଚାନ୍ଦପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଭାପୁର,୧୨ ।୨(ସମିସ):** ପୋଖରୀରେ ବୁଡ଼ି ଭାପୁର ବଜାର ନିକଟରେ ରହୁଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବିଜିପୁର ପଞ୍ଚାୟତ ଲହଙ୍ଗାପଲ୍ଲୀ ଗ୍ରାମର ଲିଙ୍ଗରାଜ ରାଉତ । ସେ କିଛି ବର୍ଷ ହେଲା ଭାପୁର ହାଇସ୍କୁଲ ନିକଟରେ ଘର କରି ରହୁଥିଲେ । ବୁଧବାର ସନ୍ଧ୍ୟାରେ ଗାଧେଇବା ପାଇଁ ବଜାର ନିକଟ ଜଗନ୍ନାଥ ମନ୍ଦିର ପାଖ ବରାଡ଼ବନ୍ଧ ପୋଖରୀକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ । ଭାପୁର ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ସକାଳେ ଖଣ୍ଡପଡ଼ା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

**ଦଶପଲ୍ଲା,୧୨ ।୨(ସମିସ):** ସ୍ଥାନୀୟ ତେଣ୍ଡାବାଡ଼ି ପଞ୍ଚାୟତ ବାଟେଣୀ ଗ୍ରାମର ନିଖୋଜ ରବୀନ୍ଦ୍ର ପ୍ରଧାନଙ୍କ ଗଳିତ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି । ଅଗ୍ନିଶମ ବାହିନୀ ଗାଁ ନିକଟ ପୋଖରୀରୁ ମୃତଦେହ ଉଦ୍ଧାର କରିଛନ୍ତି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ସୋମବାର ରବୀନ୍ଦ୍ର ସ୍ନାନ ଶୌଚ ନିମନ୍ତେ ପୋଖରୀକୁ ଯାଇ ନିଖୋଜ ହୋଇଥିଲେ ।

● ଆସୁନାହାନ୍ତି ମିଲର, ଉଠୁନି ଧାନ

## ଦିନରାତି ଧାନବସ୍ତା ଜଗି ରହୁଛନ୍ତି ଚାଷୀ

**ରଣପୁର,୧୨ ।୨(ସମିସ):** ସୁର୍କାବାଡ଼ି, ଲୋଧାଚୁଆ, ଗୌରାଙ୍ଗପୁର ମଣ୍ଡିରେ ପଡ଼ି ରହିଛି ଚାଷୀଙ୍କ ଧାନ । ମିଲର ଆସୁ ନ ଥିବାରୁ ଧାନ ଉଠୁନାହିଁ । ତେଣୁ ଦିନରାତି ଧାନବସ୍ତାକୁ ଜଗି ରହୁଛନ୍ତି ଚାଷୀ । ପାହାଡ଼ ଭଳି ବସ୍ତା ବସ୍ତା ଧାନ ଗଦା ହୋଇ ପଡ଼ିରହିଛି । ଅଦିନିଆ ବର୍ଷା, ରୋଗ ପୋକରୁ ବହୁକଷ୍ଟରେ ଫସଲକୁ ସୁରକ୍ଷିତ ରଖି ଅମଳ ପରେ ଚାଷୀଙ୍କୁ ଏବେ ମଣ୍ଡିରେ ଧାନ ବିକ୍ରି ପାଇଁ ସଂଘର୍ଷ କରିବାକୁ ପଡୁଛି । ଧାନ ବସ୍ତାର ଗଦାକୁ ପାଲ ଘୋଡ଼ାଇ, ପଲିଥିନ ପକେଇ ଚାଷୀ ନିଜେ ଖୋଲା ଆକାଶ ତଳେ ଜଗି ରହିଛନ୍ତି । ଟୋକନ ଥିଲେ ସୁଦ୍ଧା ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଯେଉଁ ଚାଷୀଙ୍କ ଧାନ ବିକ୍ରି ହେଉଛି, ଆର୍ଦ୍ରତାର ଆଳ ଦେଖାଇ ମନଇଚ୍ଛା କଟନୀଛଟନୀ କରାଯାଉଛି । ତୁରନ୍ତ ମଣ୍ଡିରୁ ଧାନ ନ ଉଠିଲେ ଚାଷୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ହାପି ମେମୋରିଆଲ କ୍ରିକେଟ; କଣ୍ଟିଲୋ ସେମିରେ

**ଭାପୁର,୧୨ ।୨(ସମିସ):** ଭାପୁର ନୋଡାଲ ସ୍କୁଲ ନିକଟ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟରରେ ପରସ୍ପରକୁ ଭେଟିଥିଲେ କଣ୍ଟିଲୋ ଓ ସହଜପୁର । କଣ୍ଟିଲୋ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ସହଜପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୩ ରନ କରିଥିଲା । ଜବାବରେ କଣ୍ଟିଲୋ ୧୯.୪ ଓଭରରେ ୯ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ବିଜୟୀ ଦଳର ଶ୍ରୀଧର ବେହେରା ୨୦ ବଲରେ ୩୭ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଅମ୍ପାୟର ପ୍ରଶାନ୍ତ ସାହୁ ଓ ଯତିନ ଗୁମାନସିଂହ ଖେଳ ପରିଚାଳନା କରିଥିଲେ । ସିକୁନ ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ବାପୁନୀ ସାହୁ ଓ ବବୁଲୁ ବରାଡ଼ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶୁକ୍ରବାର ଆୟୋଜକ ଭାପୁର ଓ ପିଠାଖାଇ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସୂଚନା ମିଳିଛି ।

## ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ



**ଓଡ଼ଗାଁ,୧୨ ।୨(ସମିସ):** ଓଡ଼ଗାଁ ବ୍ଲକ କୋମଣ୍ଡ ରାଜସ୍ୱ ଅଞ୍ଚଳ ଅନ୍ତର୍ଗତ ଉଦୟପୁର ବେଆଇନ ମାଙ୍କଡ଼ା ପଥର ଖଣିରେ ବୁଧବାର ରାତିରେ ଖଣି ବିଭାଗ ଚଢ଼ଉ କରିଛି । ଚଢ଼ଉ ବେଳେ ବିଭାଗ ମାତ୍ର ଗୋଟିଏ ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି । ଫଳରେ 'ବଡ଼ ମାଛ ଖସିଗଲା, ଛୋଟ ଧରାପଡ଼ିଲା' ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜବତ ଟ୍ରାକ୍ଟରକୁ ଓଡ଼ଗାଁ ଥାନା ଜିମା ଦିଆଯାଇଛି । ଗତ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଖଣିରୁ ପ୍ରତିଦିନ ପ୍ରାୟ ୨ରୁ ୩ ହଜାର ମାଙ୍କଡ଼ା ପଥର କଟାଯାଇ ନୟାଗଡ଼ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା । ଏଥିରେ ଅନେକ କଟର ମେସିନ, ଟ୍ରକ୍, ମିନିଟ୍ରକ, ଟ୍ରାକ୍ଟର ଓ ଜେସିବି ମେସିନ ବ୍ୟବହୃତ ହେଉଥିବା ବେଳେ ଚଢ଼ଉ ସମୟରେ ସେଗୁଡ଼ିକ ନ ମିଳିବା ଘଟଣା ସନ୍ଦେହ ସୃଷ୍ଟି କରିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ପଥର ବୋଝେଇ ଗାଡ଼ିଗୁଡ଼ିକ ଦ୍ରୁତ ବେଗରେ ଚଳାଚଳ କରି ଲୋକଙ୍କ ଜୀବନକୁ ବିପଦରେ ପକାଉଛନ୍ତି । ଏପରିକି ଏହି ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଅନେକଙ୍କ ଜୀବନ ଯାଇଥିବା ମଧ୍ୟ ନଜିର ରହିଛି । ଏଥିସହ ସଂରକ୍ଷିତ ଜଙ୍ଗଲ ବାଘୁଆ, ଚେମେଡ଼ି, ବାଣ୍ଟପୁର ରାସ୍ତାରେ ମଧ୍ୟ ପଥର ଚାଲାଣ ହେଉଥିବାରୁ ବନ୍ୟପ୍ରାଣୀ ଓ ପରିବେଶ ଉପରେ ଏହାର ପ୍ରଭାବ ପଡୁଛି । ଓଡ଼ଗାଁଠାରୁ ଖଣି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମାଫିଆଙ୍କ ଦ୍ୱାରା ନିଯୁକ୍ତ ହକରମାନେ ରହି ଚୋରା ଗାଡ଼ିଗୁଡ଼ିକୁ ନିରାପଦରେ ସଠିକ୍ ସ୍ଥାନରେ ପହଞ୍ଚାଉଥିବା ଅଭିଯୋଗ ମଧ୍ୟ ହୋଇ ଆସୁଛି । ବୈଷୟିକ ପଦ୍ଧତିରେ ତଦନ୍ତକୁ ଅଧିକ ଜୋରଦାର କରାଗଲେ ସମସ୍ତ ତଥ୍ୟ ହାସଲ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଶୁଭାରମ୍ଭ



**ଓଡ଼ଗାଁ,୧୨ ।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅଞ୍ଚଳର ଆର୍ଥିକ ଅନଗ୍ରସର ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଗୁରୁବାର ଭ୍ରାମ୍ୟମାଣ ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଛି । ଓଡ଼ଗାଁ ଏନ୍‌ଏସି ପକ୍ଷରୁ ସହଯୋଗ କାର୍ଯ୍ୟକ୍ରମ ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ନିଯୁକ୍ତ ଫ୍ରଣ୍ଟଲାଇନ ଫାସିଲିଟେଟରଙ୍କ ଦ୍ୱାରା ଭ୍ରାମ୍ୟମାଣ କେନ୍ଦ୍ରର ବନ୍ଦାପନା କରାଯାଇଥିବା ବେଳେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ପତାକା ଦେଖାଇ ସହାୟତା ରଥକୁ ଶୁଭାରମ୍ଭ କରିଥିଲେ । ଏହି ରଥ ୧୦ ନମ୍ବର ୱାର୍ଡରେ ପହଞ୍ଚି ସେବା ଆରମ୍ଭ କରିଛି । ଏହି ଭ୍ରାମ୍ୟମାଣ କେନ୍ଦ୍ର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ଗରିମା, ପାନୀୟଜଳ ଯୋଗାଣ, ରାସନ କାର୍ଡ, ଆୟୁଷ୍ମାନ ଭାରତ, ଦିବ୍ୟାଙ୍ଗ ପ୍ରମାଣପତ୍ର, ମଧୁବାବୁ ପେନସନ୍, ଶ୍ରମିକ କାର୍ଡ, ଇ-ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା, ସୁଭଦ୍ରା ଯୋଜନା, ସୁକନ୍ୟା ସମୃଦ୍ଧି ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ସହ ମୋଟ ୧୩ଟି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି । ଫାସିଲିଟେଟରମାନଙ୍କ ସହଯୋଗରେ ହିତାଧିକାରୀମାନେ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ । ଆଗାମୀ ୧୫ ଦିନ ମଧ୍ୟରେ ଏହି ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଏନ୍‌ଏସିର ସମସ୍ତ ୧୫ ୱାର୍ଡରେ ପହଞ୍ଚି ହିତାଧିକାରୀଙ୍କ ଦ୍ୱାରଦେଶରେ ସେବା ପ୍ରଦାନ କରିବ ବୋଲି ସୂଚନା ମିଳିଛି । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରାଙ୍କ ଉଦ୍ୟମରେ ଓଡ଼ଗାଁର ସହରୀକରଣ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ବେଳେ 'ସ୍ୱଚ୍ଛ ଓଡ଼ଗାଁ, ସୁସ୍ଥ ଓଡ଼ଗାଁ, ସୁନ୍ଦର ଓଡ଼ଗାଁ' ଗଠନ ଲକ୍ଷ୍ୟରେ ତାଙ୍କ ନିରନ୍ତର ପ୍ରୟାସ ସହରର ରୂପରେଖକୁ ଶୀଘ୍ର ପରିବର୍ତ୍ତନ କରିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ମିଶନ ପରିଚାଳକ ଏମ୍. ଶୁଭମ୍ ପରିଚାଳନା କରିଥିବା ବେଳେ ନୀଳମାଧବ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

## ୯ ଦିନ ଧରି ବିଦ୍ୟାଳୟ ବନ୍ଦ



### ଶିକ୍ଷା ବିଭାଗ ନିରବ ଚିନ୍ତାରେ ଛାତ୍ରଛାତ୍ରୀ

**ଗଣିଆ,୧୨ ।୨(ସମିସ):** ଦୀର୍ଘ ୯ ଦିନ ଧରି ବନ୍ଦ ରହିଛି ବିଦ୍ୟାଳୟ । ଆଗକୁ ବାର୍ଷିକ ପରୀକ୍ଷା ଥିବା ବେଳେ ଚିନ୍ତାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇ ଯାଉଥିବା ବେଳେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ । ହାତବାନ୍ଧି ବସିଛନ୍ତି ବିଭାଗୀୟ ଅଧିକାରୀ । ସମସ୍ୟା ସମାଧାନ କରାଯାଉ ନ ଥିବାରୁ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି । ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି ।

ଗତ ୩ ତାରିଖ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ଶୌଚ ପାଇଁ ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ବେଳେ ଆଉ ଫେରି ନ ଥିଲେ । ୪ ତାରିଖ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେହିଦିନଠାରୁ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି । କାର୍ଯ୍ୟରେ ଅବହେଳା ଯୋଗୁଁ ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରି ଦେଇ ଚୁପ୍ ବସି ରହିଛି ଶିକ୍ଷା ବିଭାଗ । ଏଣେ ମୃତ ଛାତ୍ରଙ୍କୁ ନ୍ୟାୟ ଦାବିରେ ପରିବାର ଲୋକେ ଅଡ଼ି ବସିଛନ୍ତି । ଶିକ୍ଷୟିତ୍ରୀ କାହିଁକି ବିଦ୍ୟାଳୟରେ ଶୌଚ ହେବାକୁ ନ ଦେଇ ପିଲାକୁ ବାହାରକୁ ପଠାଇଲେ ସେ ନେଇ ପ୍ରଶ୍ନ କରିଛନ୍ତି ମୃତ ଛାତ୍ରଙ୍କ ପରିବାର । ଛାତ୍ର ଜଣକ ବାହାରକୁ ଯିବାରୁ ମୃତ୍ୟୁମୁଖରେ ପଡ଼ିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେବେ ସମସ୍ୟା ସମାଧାନ କରି ବିଦ୍ୟାଳୟ ଖୋଲିବା ନିହାତି ଆବଶ୍ୟକ ହୋଇପଡ଼ିଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପଚାରିବାରୁ ବିଇଓଙ୍କ ସହ ଯୋଗାଯୋଗ କରି ବିଦ୍ୟାଳୟ ଖୋଲିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ।

### ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ

## ୧-୦ ଗୋଲରେ ଢେଙ୍କାନାଳ ପପୁଲାର କ୍ଲବ ବିଜୟୀ



**ରଣପୁର,୧୨ ।୨(ସମିସ):** ରଣପୁର ବ୍ଲକ ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଖେଳାଯାଇଛି । ଢେଙ୍କାନାଳ ପପୁଲାର କ୍ଲବ ଆଠଗଡ଼ ଖୁଣ୍ଟକଟା ପରିଷଦ ଦଳକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ପକ୍ଷରୁ ୯ ନମ୍ବର ଖେଳାଳି ଏକମାତ୍ର ଗୋଲ କରି କରିଥିଲେ । ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ସମିତି ସଭ୍ୟ ତପନ ପ୍ରଧାନ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ଆଲୋକ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରେଫରି ସକବାତ ଅଲି ଖାଁ ଖେଳ ପରିଚାଳନା କରିଥିବା ବେଳେ ମିର୍ଜା ସିରାଜୁଦ୍ଦିନ ବେଗ ଓ ଲକ୍ଷ୍ମଣ ଚୌଧୁରୀ ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ଭାବେ ସଦାଶିବ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ଶୁକ୍ରବାର ଘାଟିକିଆ ବଜରଙ୍ଗବଲି କ୍ଲବ ଓ ଭୁବନେଶ୍ୱର ସାନ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି ।

